**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**28th April - 2024**

**News Editor : *Tapan Kumar Moharana***

**********************************

***Desk***

# ପ୍ରଥମ ପର୍ଯ୍ୟାୟ ଯାଞ୍ଚ (ସଂଶୋଧିତ)

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ପରେ ପ୍ରସ୍ତୁତ ତାଲିକାରେ କେତେକ ସଂଶୋଧନ କରାଯାଇଛି । ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ୨୮ଟି ବିଧାନସଭା ଆସନରେ ୨୫୬ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି । ପୂର୍ବରୁ ଶୁକ୍ରବାର ଦିନ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ୨୮ଟି ବିଧାନସଭା ଆସନରେ ୨୬୬ଟି ପ୍ରାର୍ଥୀପତ୍ର କାଏମ୍ ଥିଲା ବୋଲି କୁହାଯାଇଥିଲା । ନୂଆପଡ଼ା, ନବରଙ୍ଗପୁର, ଜୁନାଗଡ଼, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, କୋରାପୁଟ ଏବଂ ପଟାଙ୍ଗୀ ନିର୍ବାଚନ କ୍ଷେତ୍ରରେ କେତେକ ନାମାଙ୍କନ ପତ୍ର ପୁନଃ ଯାଞ୍ଚ୍ ବେଳେ ଅବୈଧ ଥିବା ଜଣାପଡ଼ିଥିଲା ବୋଲି ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି ।

ଅନ୍ୟପକ୍ଷରେ ପୂର୍ବ ଗଣନା ଅନୁସାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୪ଟି ଲୋକସଭା ଆସନରେ ମୋଟ ୩୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି ।

***Desk***

# ରାହୁଲ୍-ନଡ୍ଡା - ଓଡ଼ିଶା ଗସ୍ତ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଆଜି ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି । ଶ୍ରୀ ନଡ୍ଡା ନବରଙ୍ଗପୁର ଓ ବ୍ରହ୍ମପୁର ଲୋକସଭା କ୍ଷେତ୍ର ଗସ୍ତ କରି ନିର୍ବାଚନୀ ସଭାରେ ଯୋଗଦେବେ। ବ୍ରହ୍ମପୁର ନିକଟସ୍ଥ ଆମ୍ବପୁଆଠାରେ ଶ୍ରୀ ନଡ୍ଡା ବିଜୟ ସଙ୍କଳ୍ପ ସମାବେଶରେ ଯୋଗ ଦେବା ସହିତ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ମଧ୍ୟ ଆଜି ଓଡ଼ିଶା ଗସ୍ତରେ ଆସି ଦଳର ପ୍ରଚାର କାର୍ଯ୍ୟରେ ଭାଗ ନେବେ । ସୂଚନା ଅନୁସାରେ ରାହୁଲ ଗାନ୍ଧୀ ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ୍‌ର କୁଳିଆ ପଡ଼ିଆଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗଦେବେ ।

***Desk***

# ଲୌହ ବଟିକା ବଣ୍ଟନ

ରକ୍ତହୀନତାମୁକ୍ତ ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟକୁ ଆନେମିଆମୁକ୍ତ କରିବାପାଇଁ ଖରାଛୁଟିରେ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କୁ ଆଇରନ୍ ଓ ଫଲିକ୍ ଏସିଡ୍ ବଟିକା ଦିଆଯିବ । ସ୍କୁଲ୍‌ର ଶିକ୍ଷକ ଶିକ୍ଷୟିତ୍ରିମାନେ ଏହି କାର୍ଯ୍ୟରେ ନିୟୋଜିତ ହେବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି । ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଗୋଲାପୀ ରଙ୍ଗର ବଟିକା ଦିଆଯିବ । ସେହିଭଳି ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ନୀଳ ବଟିକା ଦିଆଯିବ । ଔଷଧ ବଟିକା ବଣ୍ଟନ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କର ଅଭିଭାବକମାନଙ୍କୁ ସୂଚନା ଦିଆଯିବ । ସ୍କୁଲ୍ ଖୋଲିବା ପୂର୍ବରୁ ବଟିକା ବଣ୍ଟନ କାର୍ଯ୍ୟ ଶେଷ କରିବାପାଇଁ ଜିଲ୍ଲା ଓ ବ୍ଲକ୍ ଶିକ୍ଷାଧିକାରୀମାନଙ୍କୁ କୁହାଯାଇଛି ।

***Desk***

# ଓ.ଜେ.ଇ.ଇ. - ଆଡ୍‌ମିଟ୍ କାର୍ଡ୍

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-୨୦୨୪ ଆସନ୍ତା ମଇ ମାସ ୬ ତାରିଖରୁ ଆରମ୍ଭ ହେବ । ଓ.ଜେ.ଇ.ଇ. କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଆଡ୍‌ମିଟ୍ କାର୍ଡ୍ ଓ.ଜେ.ଇ.ଇ. ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି ।

ପରୀକ୍ଷାର୍ଥୀମାନେ ଲଗ୍ ଇନ୍ କରି ଆଡ୍‌ମିଟ୍ କାର୍ଡ଼ ଡାଉନ୍‌ଲୋଡ୍ କରିପାରିବେ ବୋଲି କୁହାଯାଇଛି ।

***Desk***

## ମଇ ମାସ – ବ୍ୟାଙ୍କ୍ ବନ୍ଦ

ଆସନ୍ତା ମାସରେ ରାଜ୍ୟର ବ୍ୟାଙ୍କ୍‌ଗୁଡ଼ିକ ୧୦ରୁ ଅଧିକ ଦିନ ବନ୍ଦ ରହିବ ବୋଲି ଜଣାପଡ଼ିଛି । ୪ଟି ରବିବାର ଏବଂ ୨ଟି ଶନିବାରକୁ ବାଦ୍ ଦେଲେ ଶ୍ରମିକ ଦିବସ ଏବଂ ବିଭିନ୍ନ ସ୍ଥାନରେ ନିର୍ବାଚନ ହେଉଥିବାରୁ ବ୍ୟାଙ୍କ୍ ବନ୍ଦ ରହିବ । ସେହିଭଳି ଭାରତୀୟ ପୁଞ୍ଜିବଜାର ଆସନ୍ତା ମାସରେ ୮ ଦିନ କାରବାର ବନ୍ଦ ରଖିବ ବୋଲି ଜଣାପଡ଼ିଛି ।

***Desk***

## ପୁଲିଙ୍ଗ୍ ଅଧିକାରୀ ପ୍ରଶିକ୍ଷଣ

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସୁନ୍ଦରଗଡ଼ଠାରେ ପୁଲିସ୍ ଅଧିକାରୀମାନଙ୍କର ଆଭାସୀ ମାଧ୍ୟମରେ ଏକ ପ୍ରଶିକ୍ଷଣ ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୩୫ଟି ବିଦ୍ୟାଳୟରେ ଉପସ୍ଥିତ ଥିବା ୨ ହଜାର ୨୩୩ ଜଣ ପ୍ରିଜାଇଡିଂ ଅଫିସର ଏବଂ ସମାନ ପରିମାଣର ପୁଲିଙ୍ଗ୍ ଅଧିକାରୀ ଭାଗ ନେଇଥିଲେ ।

ବୁଥ୍ ପରିଚାଳନା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ପୁଲିଙ୍ଗ୍ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା ।

***Ganjam/R***

# ନିର୍ବାଚନ ପ୍ରସ୍ତୁତି - ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ଆସିକା ଲୋକସଭା ଏବଂ ବିଧାନସଭା ଆସନଗୁଡ଼ିକପାଇଁ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପ୍ରସ୍ତୁତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଗତକାଲି ଛତ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ ନିର୍ବାଚନ ଖର୍ଚ୍ଚ ପରିଚାଳନା ଅଧିକାରୀ ଏବଂ ସହକାରୀ ଖର୍ଚ୍ଚ ପରିଚାଳକ ତଥା ପର୍ଯ୍ୟବେକ୍ଷକ ଯୋଗ ଦେଇଥିଲେ । ଭୋଟଗ୍ରହଣ ନେଇ ପରିଚାଳନା କେନ୍ଦ୍ରଗୁଡ଼ିକୁର ପ୍ରସ୍ତୁତି ଉପରେ ପର୍ଯ୍ୟବେକ୍ଷକମାନେ ସନ୍ତୋଷ ବ୍ୟକ୍ତ କରିଥିଲେ ।

***Desk***

# ମଧୁବାବୁ ଜୟନ୍ତୀ

ଉତ୍କଳଗୌରବ ମଧୁସୂଦନ ଦାସଙ୍କର ୧୭୬ତମ ଜୟନ୍ତୀକୁ ଆଜି ତାଙ୍କର ସ୍ମୃତିରେ କଟକ ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବ । ଜଣେ ପ୍ରଖ୍ୟାତ ଜାତୀୟବାଦୀ ନେତା ରୂପେ ଉତ୍କଳଗୌରବ

ମଧୁସୂଦନ ଦାସ ଯେତିକି ପରିଚିତ, ବିଶିଷ୍ଟ ଆଇନଜ୍ଞ ଭାବେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗରିମାମୟ । ଭାରତୀୟ ନାରୀଙ୍କୁ ଆଇନଜୀବୀ ବୃତ୍ତି ଗ୍ରହଣ ଯୁଗାନ୍ତକାରୀ ଅଧିକାର ପ୍ରଦାନ କରି ମଧୁବାବୁ ଦେଶର ଆଇନଜୀବୀଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିଛନ୍ତି । ମଧୁବାବୁ ଜଣେ ସୁଦକ୍ଷ ଆଇନଜ୍ଞ ହିସାବରେ ପ୍ରତିଷ୍ଠିତ କରିବା ସହିତ ଏକାଧାରରେ ଥିଲେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ ଏବଂ ଭାରତବର୍ଷର ଜଣେ ଆଗୁଆ ଧାଡ଼ିର ଜନନାୟକ । ମଧୁବାବୁ ଯେଉଁ ଅନୁଷ୍ଠାନଗୁଡ଼ିକୁ ପ୍ରତିଷ୍ଠା କରିଥିଲେ, ସେଗୁଡ଼ିକ ମଧ୍ୟରେ ଉତ୍କଳ ସମ୍ମିଳନୀ, ଓଡ଼ିଆ ସାହିତ୍ୟ ମଞ୍ଚ ଉତ୍କଳ ସାହିତ୍ୟ ସମାଜ, ନିଖିଳ ଉତ୍କଳ ଛାତ୍ର ସଙ୍ଗଠନ, ଉତ୍କଳ ଟ୍ୟାନେରୀ, ତାଳଗୁଡ଼ ସଂସ୍ଥା, ନାରୀ ଜାଗରଣ ପାଇଁ ବାଳିକ ଉଚ୍ଚ ବିଦ୍ୟାଳୟ, ତନ୍ତ ଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର ସହିତ ଅନ୍ୟ କେତେକ ବିକାଶମୁଖୀ ଅନୁଷ୍ଠାନ ରହିଛି । ୧୯୨୪ ମସିହାରୁ ମଧୁବାବୁଙ୍କ ସ୍ୱଦେଶୀ ଆନ୍ଦୋଳନ, ଗ୍ରାମ୍ୟ ଉନ୍ନୟନ ପରିକଳ୍ପନା, ସମସ୍ତଙ୍କୁ ମୌଳିକ ଶିକ୍ଷାର ଅଧିକାର, ପଛୁଆ ଶ୍ରେଣୀ ଲୋକମାନଙ୍କର ଉତ୍‌ଥାନ ଆଦି କେତେକ ଜନଜାଗରଣ ପ୍ରସଙ୍ଗ ମହାତ୍ମାଗାନ୍ଧିଙ୍କ ଚିନ୍ତାଧାରାକୁ ଗଭୀର ଭାବେ ପ୍ରଭାବିତ କରିଥିଲା ।

*Met. O.*

# ତାପମାତ୍ରା

ସମଗ୍ର ରାଜ୍ୟରେ ଗ୍ରୀଷ୍ମର ପ୍ରବାହ ଜାରି ରହିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଜି ତାପମାତ୍ରା ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ଏସ୍.ଆର୍.ସି. ପକ୍ଷରୁ ଜନସାଧାରଣଙ୍କପାଇଁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଗତକାଲି ୧୪ଟି ସହରର ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିଲା । ଅନୁଗୁଳଠାରେ ସର୍ବାଧିକ ଦିନ ତାପମାତ୍ରା ୪୪ ଦଶମିକ ୭ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି ।

*****